# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18th September – 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଆଜି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ ପରେ ଗୃହ ମୁଲତବୀ
- ହୀରାକୁଦର ଉପରମୁଣ୍ଡରେ ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ନିର୍ମାଣ ହେବ ୧୭ଟି ବନ୍ଧ ଓ ୧୫ଟି ବ୍ୟାରେଜ; ଗୃହରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ଯୁବପିଢ଼ିଙ୍କୁ ସ୍ୱେଚ୍ଛାକୃତଭାବେ ରକ୍ତଦାନ ପାଇଁ ଆହ୍ୱାନ ଦେଲେ ରାଜ୍ୟପାଳ

ଏବଂ

- ରାଜ୍ୟରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଅନୁଷ୍ଠାନ ସହ ବୁଝାମଣା ସ୍ୱାକ୍ଷରିତ

– ଗୋଷ୍ଠୀଗୁଡ଼ିକୁ ଋଣ ଫେରସ୍ତ ବାବଦରେ ୧୧୦ କୋଟି ୯୭ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ

Assembly

## ବିଧାନସଭା-ମୁଲତବୀ

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆଜି ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପରଲୋକଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀଙ୍କ ଅନୁରୋଧ କ୍ରମେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

Assembly

## ବିଧାନସଭା-୨

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ସୃଷ୍ଟି ହେଉଥିବା ପାନୀୟ ଜଳ ଓ ଜଳସେଚନ ସମସ୍ୟାକୁ ଦୂର କରିବା ପାଇଁ ୧୭ଟି ବନ୍ଧ, ୧୫ଟି ବ୍ୟାରେଜ ଓ ୪୪ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଆଜି ଏକ ଲିଖିତ ପ୍ରଶ୍ନର ମୁଖ୍ୟମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି।

I&PR

## ରକ୍ତଦାନ ଶିବିର

ରକ୍ତଦାତାମାନଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମତପ୍ରକାଶ କରିଛନ୍ତି। ଯୁବପିଢ଼ିଙ୍କୁ ସ୍ୱେଚ୍ଛାକୃତଭାବେ ରକ୍ତଦାନ ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ରାଜଭବନରେ ଆଜି ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେଇ ରାଜ୍ୟପାଳ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ଟି-ସାର୍ଟ ବଣ୍ଟନ କରିଛନ୍ତି। ଏହି ଶିବିରରେ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ ଏବଂ ରାଜଭବନର କର୍ମଚାରୀ ଓ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ଶିବିରରରେ ଅଂଶଗ୍ରହଣ କରିଥିଲେ।

I&PR

## ଆଦି କର୍ମଯୋଗୀ

ରାଜ୍ୟରେ ଆଦି କର୍ମଯୋଗୀ ଅଭିଯାନର ପ୍ରଗତି ସମ୍ପର୍କରେ ଆଜି ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ତଥା ରାଜ୍ୟ ପ୍ରଭାରୀ ବର୍ଣ୍ଣାଲୀ ଡେକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଅଭିଯାନର ଅଗ୍ରଗତି ଓ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଜିଲ୍ଲାରେ ସମ୍ବଳ ଆଧାରରେ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର, ଗୋଷ୍ଠୀ ଜଙ୍ଗଲ ପରିଚାଳନା ଉପରେ ସେ ଗୁରୁତ୍ୱ

ପ୍ରଦାନ କରିଛନ୍ତି। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖରେ ଶେଷ ହେବ।

Nayagarh

## ନାରୀ ସଶକ୍ତ

'ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ରହିବ' ସେଥିପାଇଁ ପୋଷଣ ଅଭିଯାନକୁ ସମସ୍ତ ସହଯୋଗରେ ଶତପ୍ରତିଶତ ସଫଳ କରିବାକୁ ସାଂସଦ ସମ୍ବିତ ପାତ୍ର ଆହ୍ୱାନ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଇଟାମାଟି ପଞ୍ଚାୟତରେ ଆୟୋଜିତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାତ୍ର କହିଛନ୍ତି, ଆସନ୍ତା ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୋଷଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ବିଭିନ୍ନ ପରୀକ୍ଷା ଆୟୋଜନ କରାଯାଉଛି। ଏହାର ସୁଯୋଗ ନେବା ପାଇଁ ଶ୍ରୀ ପାତ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ବିଦ୍ୟାଳୟମାନଙ୍କରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧମରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

Desk

## ଜି.ଏସ୍.ଟି. ରିଫର୍ମସ - ଟ୍ରକ୍ସ

ଜି.ଏସ୍.ଟି. ପରିଷଦ ବୈଠକରେ ଜନସାଧାରଣଙ୍କ ଜୀବନ ମାନକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ଟିକସ ହାରରେ ହ୍ରାସ କରାଯାଇଛି । ଏହି ନୂତନ ବ୍ୟବସ୍ଥା ଆଗାମୀ ୨୨ ତାରିଖରୁ ଲାଗୁ ହେବ । ଏହି ପରିପ୍ରେକ୍ଷୀରେ ଆଜି ବ୍ୟାବସାୟିକ ମାଲବାହୀ ଯାନ ଉପରେ ଆଲୋଚନା କରିବା।

ଦେଶରେ ୬୫ରୁ ୭୦ ପ୍ରତିଶତ ସାମଗ୍ରୀ ଟ୍ରକ୍ ମାଧ୍ୟମରେ ପରିବହନ ହୋଇଥାଏ । ଜି.ଏସ୍.ଟି. ପରିଷଦ ଟ୍ରକ୍ ଉପରୁ ଟିକସ ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ପରିବହନ ଭ୍ୟାନ୍‌ଗୁଡ଼ିକ ଉପରୁ ମଧ୍ୟ ଟିକସ ହାର ଅନୁରୂପ ଭାବେ ହ୍ରାସ କରାଯାଇଛି । ଏହି ଟିକସ ହାର ହ୍ରାସ ଦ୍ୱାରା ଦେଶରେ ଗମନାଗମନ କ୍ଷେତ୍ରକୁ ଅଧିକ ସଶକ୍ତ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

I&PR

## ସ୍ୱୟଂସହାୟକ ଗୋଷ୍ଠୀ

ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାକୁ ଆଜି ମିଶନଶକ୍ତି ବିଭାଗ ଏବଂ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିସହ ୧ ଲକ୍ଷ ୬୩ ହଜାର ୭୫୭ ସ୍ୱୟଂସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କଖାତାକୁ ଋଣ ଫେରସ୍ତ ବାବଦ ୧୧୦ କୋଟି ୯୭ ଲକ୍ଷ ୫୮ ହଜାର ୮୬୦ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆଦିବାସୀଙ୍କ ପାରମ୍ପରିକ କଳା ଓ କୌଶଳ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟରେ ଲକ୍ଷପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ମିଶନଶକ୍ତି ବିଭାଗ ଏଫ୍.ଆଇ.ସି.ଏସ୍.ଆଇ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏଥିରେ ୧୦ ହଜାର ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ମସଲା ପ୍ରକ୍ରିୟାକରଣ, ତେଲ ପ୍ରସ୍ତୁତିକରଣ ଆଦି

ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରୟୋଗାତ୍ମକ ପ୍ରକଳ୍ପ ମାଧ୍ୟମରେ ପ୍ରଥମେ କଟକ ଜିଲ୍ଲାର ୩୦ଟି ଗ୍ରାମ ପଞ୍ଚାୟତରେ ୬୦ ଜଣ ମହିଳାଙ୍କୁ ମୋବାଇଲ ହ୍ୟାଣ୍ଡସେଟ୍ ମରାମତି କାର୍ଯ୍ୟ ସମ୍ପର୍କ ପ୍ରଶିକ୍ଷଣ ଦିଆଯିବ। ୧ ହଜାର ୪୪୦ ମହିଳାଙ୍କୁ ତାରକସୀ ନିର୍ମାଣ କଳାରେ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଲିନି ପଣ୍ଡିତ ଉପସ୍ଥିତ ଥିଲେ।

Desk

## ସେବା ପର୍ବ– ସୁଶାସନ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି ।

ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଦେଶର କୃଷି କ୍ଷେତ୍ରକୁ ଏକ ଅଗ୍ରଣୀ କ୍ଷେତ୍ର ଭାବେ ବିକଶିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ପକ୍ଷରୁ କୃଷକମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ସରକାର ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷିର ବିକାଶ ସମ୍ପର୍କରେ ଗ୍ରହଣ କରୁଥିବା ପଦକ୍ଷେପ ନେଇ ଶୁଣନ୍ତୁ ଏକ ରିପୋର୍ଟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର କୃଷି କ୍ଷେତ୍ରରେ ଅଭୁତପୂର୍ବ ସଫଳତା ଲକ୍ଷ୍ୟ କରାଯାଉଛି। ଭାରତ ଅମୃତ କାଳରେ

ପ୍ରବେଶ କରିବା ସହ ଦେଶର ଚାଷୀ ଭାଇଭଉଣୀମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଖାଦ୍ୟ ଉତ୍ପାଦନରେ ନେତୃତ୍ୱ ନେଉଛନ୍ତି । କୃଷି କ୍ଷେତ୍ରରେ ଏକ ନୀରବ ବିପ୍ଳବ ଦୃଶ୍ୟମାନ ହେଉଥିବା ବେଳେ ଅନ୍ନଦାତାମାନଙ୍କର ଜ୍ଞାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଅଧିକ ସୁଦୃଢ଼ ହେବାରେ ଲାଗିଛି । କେନ୍ଦ୍ର ସରକାରଙ୍କ ଚାଷୀ ପ୍ରଥମ ନୀତିରେ କୃଷି ପ୍ରଯୁକ୍ତିବିଦ୍ୟା ଚାଳିତ ପରିବର୍ତ୍ତନକୁ ଚାଷୀ ଗ୍ରହଣ କରିବା ସହିତ ନବସୃଜନ, ଅନ୍ତର୍ଭୁକ୍ତୀ ଏବଂ ସମୃଦ୍ଧି ସହ ଦେଶ ସଶକ୍ତ ହେଉଛି ।

## - V/O -(PM)

କେନ୍ଦ୍ର ସରକାରଙ୍କ ଡିଜିଟାଲ କୃଷି ମିଶନ ପଦକ୍ଷେପ ଦ୍ୱାରା ସାଟେଲାଇଟ୍, ସେନସର୍ ଏବଂ ମୋବାଇଲ ଆପ୍ ଚାଷୀମାନଙ୍କୁ ଜଳସେଚନ ଓ ଫସଲ ସୁରକ୍ଷାରେ ମାର୍ଗଦର୍ଶନ କରୁଛି । ଇ-ନାମ ପ୍ଲାଟଫର୍ମରେ ଦେଶବ୍ୟାପୀ ୧ ହଜାରରୁ ଊର୍ଦ୍ଧ୍ୱ ମଣ୍ଡିକୁ ସଂଯୋଗ କରାଯିବା ସହ ଚାଷୀମାନଙ୍କୁ ସ୍ୱଚ୍ଛ ଏବଂ ଠିକ୍ ମୂଲ୍ୟ ପ୍ରଦାନ କରାଯାଉଛି । ଜିଓ ଟ୍ୟାଗ ଭିତ୍ତିକ ଫସଲର ତଥ୍ୟ ଚାଷୀମାନଙ୍କୁ ମାଟିର ଉର୍ବରତା, ପାଣିପାଗ ଏବଂ କୀଟପତଙ୍ଗ ନିୟନ୍ତ୍ରଣ ଉପରେ ଅନ୍ତଃଦୃଷ୍ଟି ପ୍ରଦାନ କରୁଛି । ଅନ୍ୟପକ୍ଷେ 'ନମୋ ଡ୍ରୋନ୍ ଦିଦି' ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ଡ୍ରୋନ୍ ଚଳାଇବା, ଫସଲର ମ୍ୟାପିଂ ଏବଂ ଦକ୍ଷତା ସୁନିଶ୍ଚିତ କରିବା ସହିତ ନୂତନ ଜୀବିକା ଅର୍ଜନ କରିବା ପାଇଁ ତାଲିମ ଦିଆଯାଉଛି । ଦେଶର ଅନ୍ନଦାତା କେବଳ ଶସ୍ୟ ଉତ୍ପାଦନ କରୁନାହାଁନ୍ତି ବରଂ ଖାଦ୍ୟ ସୁରକ୍ଷିତ

ଭବିଷ୍ୟତ ପାଇଁ ସମୃଦ୍ଧିର ବୀଜ ବୁଣି ଉଦ୍ୟୋଗୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

# Seba Parba Closing

Nayagarh/Boudh

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ନୟାଗଡ଼ ଜିଲ୍ଲାର ୨୦୦ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ସାଂସଦ ଡକ୍ଟର ସମ୍ବିତ ପାତ୍ର ଶୁଭାରମ୍ଭ କରିଛନ୍ତି । ତୀର୍ଥଯାତ୍ରୀମାନେ ବସ ଯୋଗେ ବ୍ରହ୍ମପୁର ରେଳଷ୍ଟେସନ୍‌ରେ ପହଁଞ୍ଚି ରେଳ ଯୋଗେ ଯାତ୍ରା କରିବେ । ସମସ୍ତ ତୀର୍ଥଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯାଇ ସେମାନଙ୍କୁ ତୀର୍ଥଯାତ୍ରା ପାଇଁ ଅନୁମତି ଦିଆଯାଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ୫୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇଟି ବସ୍‌ର ଶୁଭାରମ୍ଭ କରିଥିଲେ ।

Desk

# ଚଲୋ ଜିତେ ହେଁ

ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ଉପରେ ନିର୍ମିତ ଚଳଚ୍ଚିତ୍ର 'ଚଲୋ ଜିତେ ହେଁ'ର ଦେଶବ୍ୟାପୀ ପୁନଃପ୍ରସାରଣ ଆରମ୍ଭ ହୋଇଛି । ଜାତୀୟ ପୁରସ୍କାର ପ୍ରାପ୍ତ ଏହି ସିନେମା ଆସନ୍ତା ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ହଲ୍‌ରେ ପ୍ରଦର୍ଶିତ ହେବ । ରାଜ୍ୟର କଟକ,

ଭୁବନେଶ୍ୱର ଏବଂ ରାଉରକେଲାର ବିଭିନ୍ନ ସିନେମା ହଲ୍‌ରେ ଦର୍ଶକ ଏହି ସିନେମା ଦେଖିପାରିବେ। ଚଲୋ ଜିତେ ହେଁ' ସିନେମା ଦେଖିବା ପରେ ଜଣେ ଦର୍ଶକ ନିଜ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

Desk

## ସେବାପର୍ବ– ଚାରାରୋପଣ

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ସେବା ପର୍ବ ଅବସରରେ 'ଏକ ପେଡ଼ ମା' କେ ନାମ' ଅଭିଯାନରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ନିର୍ଦ୍ଦେଶକ ଭି.ଏମ୍.ରତ୍ନପ୍ରସାଦ କର୍ମଚାରୀମାନଙ୍କୁ ଅନ୍ୟୁନ ଗୋଟିଏ ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଛନ୍ତି।

Rayagada

## ସାଇବର ଆଇନ

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ରାୟଗଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ନିରାପଦ ସାମାଜିକ ଗଣମାଧ୍ୟମ ଓ ସାଇବର ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମରେ ସୁରକ୍ଷିତ ରଖିବା, ଅନଲାଇନ୍ ଠକାମୀର ଶିକାର ନହେବା ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ବୈଠକରେ ଆଲୋକପାତ କରାଯାଇଥିଲା।

## ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସଚେତନତା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି।